# ଭୁବନେଶ୍ୱରରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପନ ପାଇଁ ପ୍ରଧାନମନ୍ତ୍ରୀଙ୍କ ସମ୍ମତି

ଭୁବନେଶ୍ୱର, ତା୧୧୭ (ନି.ପ୍ର.)– ଭୁବନେଶ୍ୱର ଠାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପନ କରିବା ସହିତ ଓଡ଼ିଶାର ୨୦ଟି ପଛୁଆ ଜିଲାକୁ ଅନଗ୍ରସର ଅଞ୍ଚଳ ଅନୁଦାନ ପାଣ୍ଠି ଯୋଜନା ପରିସରଭୁକ୍ତ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହ ସମ୍ମତି ପ୍ରଦାନ କରିଛନ୍ତି ବୋଲି କେନ୍ଦ୍ର ଶ୍ରମ ଓ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ସୂଚନା ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ସାହୁ ଗତ ୨୬ ତାରିଖରେ ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ଡଃ. ସିଂହଙ୍କୁ ସାକ୍ଷାତ କରି ଭୁବନେଶ୍ୱରଠାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପନ କରିବା ସହିତ ରାଜ୍ୟର ୨୦ଟି ପଛୁଆ ଜିଲାକୁ ଅନଗ୍ରସର ଅଞ୍ଚଳ ଅନୁଦାନ ପାଣ୍ଠି ଯୋଜନା ପରିସରଭୁକ୍ତ କରିବାପାଇଁ ଅନୁରୋଧ କରିଥିଲେ । ସେହିପରି ରାଜ୍ୟରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହିତ ବୁର୍ଲାସ୍ଥିତ ଇଞ୍ଜିନିୟରିଂ କଲେଜକୁ ଆଇ.ଆଇ.ଟି ମାନ୍ୟତା ପ୍ରଦାନ ପାଇଁ ନିବେଦନ କରିଥିଲେ । ସେହିସବୁ ଦାବି ମଧ୍ୟରୁ ଭୁବନେଶ୍ୱରଠାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପନ ସହିତ ୨୦ଟି ପଛୁଆ ଜିଲାକୁ ଅନଗ୍ରସର ଅଞ୍ଚଳ ଅନୁଦାନ ପାଣ୍ଠିଯୋଜନା ପରିସରଭୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ଡଃ.ସିଂହ ସମ୍ମତି ପ୍ରଦାନ କରିଥିବାବେଳେ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ବୁର୍ଲା ଇଞ୍ଜିନିୟରିଂ କଲେଜକୁ ଆଇ.ଆଇ.ଟି ମାନ୍ୟତା ସମ୍ପର୍କରେ ବିଚାର କରି ଦେଖିବେବୋଲି ପ୍ରଧାନମନ୍ତ୍ରୀ, ଶ୍ରମରାଷ୍ଟ୍ରମନ୍ତ୍ରୀ ଶ୍ରୀ ସାହୁଙ୍କୁ ସୂଚନା ଦେଇଛନ୍ତି । ସୂଚନା ଯୋଗ୍ୟ ଯେ ଭୁବନେଶ୍ୱର ସମେତ ଦେଶରେ ୪ଟି ସ୍ଥାନରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପନ କରିବାପାଇଁ ୨୦୦୩ ମସିହାରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଘୋଷଣା କରିଥିଲେ । ଭୁବନେଶ୍ୱର କେନ୍ଦ୍ରପାଇଁ ଭୁବନେଶ୍ୱର ତହସିଲ ଅନ୍ତର୍ଗତ ଗୋଠପାଟଣା ଠାରେ ୭୫ଏକର ଜମି ମଧ୍ୟ ଚିହ୍ନଟ କରାଯାଇଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ କୌଣସି ଅର୍ଥ ପ୍ରଦାନ କରିନାହାନ୍ତି । ଅନ୍ୟ ପକ୍ଷରେ ଏହି ପ୍ରତିଷ୍ଠାନକୁ କଲିକତା ଉଠାଇନେବାପାଇଁ ଉଦ୍ୟମ କରାଯିବା ଘେନି ରାଜ୍ୟରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଥିଲା ।